# ଭାରତୀୟ ଜନତା ପାର୍ଟି, ଓଡିଶା

ବିଜେଡିର କୃଷକ ଅଧିକାର ସମାବେଶ ପ୍ରସଙ୍ଗରେ

## ଚାଷୀଙ୍କୁ ମଣ୍ଡିରେ ଦଣ୍ଡିରେ ମାରି ପିକନିକ କରିବାକୁ ଦିଲ୍ଲୀ ଯାଇଛନ୍ତି ମୁଖ୍ୟମନ୍ତ୍ରୀ : ବିଜେପି

- ଦିଲ୍ଲୀ ଛାଡ ପଲ୍ଲୀକୁ ଆସି ଚାଷିଙ୍କୁ ତାଙ୍କ ହକ ଦିଅ
- ହଲିଡେ ଟ୍ରିପ କରିବା ପାଇଁ ମନା ନାହିଁ ହେଲେ ଚାଷୀମାନଙ୍କୁ ଭଣ୍ଡାନ୍ତୁ ନାହିଁ
- କୃଷକ କଲ୍ୟାଣ ରିପୋର୍ଟ ଆଜି ପର୍ଯ୍ୟନ୍ତ କାହିଁକି ସାର୍ବଜନୀନ ହୋଇନାହିଁ ?

**ଭୁବନେଶ୍ୱର,ତା.୦୮/୦୧ :** ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ହଜାର ହଜାର ଚାଷୀ ଆଜି ଭୁବନେଶ୍ୱର ରାଜରାସ୍ତାରେ ମଣ୍ଡି ଖୋଲି ପ୍ରତିବାଦ କରିବା ସମୟରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନଭେମ୍ବର ୫ ତାରିଖରେ ସରକାର ମଣ୍ଡି ଖୋଲିବା ଘୋଷଣା କରି ମଣ୍ଡି ଖୋଲିଲେ ନାହିଁ । ଏପର୍ଯ୍ୟନ୍ତ ସମସ୍ତ ସ୍ଥାନରେ ମଣ୍ଡି ନଖୋଲି କଟନି ଛଟନି ନାଁରେ ଦଣ୍ଡିରେ ମାରି ଚାଷୀ ଘରେ କଳାକନା ବୁଲାଇ କଳା ବଜାରର ପସରା ମେଲାଇ କଳା ଟଙ୍କାରେ ମୁଖ୍ୟମନ୍ତ୍ରୀ ପିକନିକ ପାଇଁ ଦିଲ୍ଲୀ ଯାଇଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି କହିଛନ୍ତି ।

ମୁଖ୍ୟମନ୍ତ୍ରୀ କେବେ କେଉଁ ଚାଷୀ ପରିବାରକୁ ଯାଇ ତାର ବିହନ, ଖଳା, ଲଙ୍ଗଳ, କଂଟି, ଜଳସେଚନ, ଫସଲ ସଂପର୍କରେ ବୁଝିଛନ୍ତି କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ବିଜୁ ଜନତା ଦଳର ନେତା ଓ ନେତ୍ରୀ ମାନେ ଶୀତ ଦିନିଆ ହଲିଡେ ଟ୍ରିପରେ ଯାଇଛନ୍ତି । ହଲିଡେ ଟ୍ରିପ କରିବା ପାଇଁ ମନା ନାହିଁ ହେଲେ ଚାଷୀମାନଙ୍କୁ ଭଣ୍ଡାନ୍ତୁ ନାହିଁ । ଓଡିଆ ଚାଷୀ ଆଜି ଜବାବ ମାଗୁଥିବା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇ କାହିଁକ କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

କେନ୍ଦ୍ର ସରକାର ଧାନର ଉତ୍ପାଦନ ମୂଲ୍ୟକୁ ଦେଡଗୁଣ ମୂଲ୍ୟ ବୃଦ୍ଧି କରି ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା ଯୋଗାଇ ଦେଉଛନ୍ତି । ଓଡ଼ିଶାରେ ସରକାର ଓ ଅସାଧୁ ବ୍ୟବସାୟିଙ୍କ ମଧୁଚନ୍ଦ୍ରିକାରେ କାହିଁକି ଚାଷୀମାନେ ୧୦୦୦/୧୨୦୦ ଟଙ୍କାରେ ନିଜର କଷ୍ଟ ଅର୍ଜିତ ଧାନକୁ ବିକ୍ରି କରିବାକୁ ବାଧ ହେଉଛନ୍ତି ? ଏ ସମ୍ବନ୍ଧରେ ଓଡ଼ିଆ ଚାଷୀମାନେ ରାଜ୍ୟସରକାରଙ୍କୁ ଜବାବ ମାଗୁଛନ୍ତି । ଏଠି ମଣ୍ଡିରୁ ଧାନ ଉଠୁନି । ଦିଲ୍ଲୀ ଛାଡ ପଲ୍ଲୀକୁ ଆସି ଚାଷିଙ୍କୁ ତାଙ୍କ ହକ ଦିଅ । ଗାଁ ଗାଁରେ ଚାଷିମାନେ ଜବାବ ମାଗିଲେଣି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

କୃଷକଙ୍କ ପାଇଁ ନବୀନ ପଟ୍ଟନାୟକ ଦେଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବୋନସ୍ ପ୍ରଦାନ ପ୍ରତିଶ୍ରୁତି କେବେ ପୂରଣ କରିବେ ମୁଖ୍ୟମନ୍ତ୍ରୀ । ୧୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ବୋନସ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲ୍ଲାର ସୋହେଲା ଜନସଭାରେ ଘୋଷଣା କରିଥିଲେ । ଏହି ବୋନସ ରାଜ୍ୟସରକାର କାହିଁକି ଦେଉନାହାଁନ୍ତି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । କଟନି ଛଟନି ଆଳରେ କ୍ୱିଂଟାଲ ପିଛା ୫-୭ କିଲୋରୁ ଅଧିକ ଧାନ କିଣା ନଯିବା ଗତ ବର୍ଷରୁ ମଣ୍ଡି ଜଗି ଥିବାବେଳେ ବିଜେପି ତଥ୍ୟ ପ୍ରମାଣ ସରକାରଙ୍କୁ ଦେଇଛି । ଯୋଗାଣ ବିଭାଗ ଚାଷୀ ସ୍ୱାର୍ଥ କଥା ପାଟିରେ କହି ଚାଷୀଙ୍କୁ ଶୋଷଣ କରୁଥିବା ଅସାଧୁ ବ୍ୟକ୍ତିମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ? କୃଷି କମିଶନ ୨୦୧୨ରେ ତିଆରି ହୋଇଥିବା ସତ୍ତ୍ୱେ କୃଷକ କଲ୍ୟାଣ ରିପୋର୍ଟ ଆଜି ପର୍ଯ୍ୟନ୍ତ କାହିଁକି ସାର୍ବଜନୀନ ହୋଇନାହିଁ ଓ ଏହାର ସୁପାରିସ୍ କେବେ କାର୍ଯ୍ୟକାରୀ ହେବ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**